মহানগর আয়ুক্ত, থানে এবং অন্যজণে

বনাম

এচ. এবং আর. জনসন (ভারত) লিমিটেড এবং অন্যজণে

6, অগষ্ট 1996

[এস. পি. ভরুচা এবং কে. টি. থোমাস, ন্যায়মূর্ত্তিদ্বয় ।

କରାଯାଇଥିବା ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଲେ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ଅସନ୍ତୁଷ୍ଟ ହୋଇ, ବର୍ତ୍ତମାନର ଏହି  ନଗର ନିଗମ ଦ୍ୱାରା ଦାଖଲ କରାଯାଇଛି ।

**ଅପିଲ୍‌କୁ ଖାରଜ କରି, ଏହି ନ୍ୟାୟାଳୟ**

ନିର୍ଣ୍ଣୟ ନେଇଥିଲେ ଯେ **1:** ଆବେଦନକାରୀ ନିଗମର ଏହି ଯୁକ୍ତିରେ କୌଣସି ଯୋଗ୍ୟତା ନାହିଁ ଯେ ପ୍ରତିବାଦୀମାନଙ୍କ ଦ୍ୱାରା ଆମଦାନି କରାଯାଇଥିବା "ମାଟି"କୁ ମହାରାଷ୍ଟ୍ର ମହାନଗର (ପ୍ରବେଶ ଶୁଳ୍କ) ନିୟମାବଳୀର ସୂଚୀ-**I**ର ପ୍ରବେଶିକା **47**ର ପରିସରରୁ ବାହାରେ ରଖିବା ଉଚିତ । ଉଚ୍ଚ ହାରର ଶୁଳ୍କ ଲାଗୁ କରିବାକୁ ଜୋର ଦେଉଥିବାରୁ, ପ୍ରତିବାଦୀଙ୍କ ଦ୍ୱାରା ଆମଦାନି ହୋଇଥିବା ମାଟି ପଥର ଗୁଣ୍ଡ ଥିଲା ବୋଲି ପ୍ରମାଣ କରିବାର ଭାର ଆବେଦନକାରୀ ନିଗମ ଉପରେ ଥିଲା । କିନ୍ତୁ ସେମାନଙ୍କ ଦାବିର ସମର୍ଥନରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ କିମ୍ବା ଏହି ନ୍ୟାୟାଳୟ ସମ୍ମୁଖରେ କୌଣସି ସାମଗ୍ରୀ ଉପସ୍ଥାପନ କରିନଥିଲେ ।

**2.** ଆବେଦନକାରୀ ନିଗମର ଏହି ଦାବି ଯେ ଫେରସ୍ତ ଦେବା ଫଳରେ ଏହାର ଆର୍ଥିକ ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହେବ, ତାହା ଗ୍ରହଣଯୋଗ୍ୟ ନୁହେଁ । ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତର୍ବର୍ତ୍ତୀକାଳୀନ ଆଦେଶ ଅନୁଯାୟୀ ଏହି ଆଦାୟ କରାଯାଇଥିଲା, ଯେଉଁଥିରେ ସ୍ୱଷ୍ଟ ଭାବେ ଆଦେଶ ଦିଆଯାଇଥିଲା ଯେ, ଯଦି ଆବେଦନକାରୀ ସଫଳ ହୁଅନ୍ତି, ତେବେ ନିଗମ ଅତିରିକ୍ତ ଶୁଳ୍କ ଫେରସ୍ତ କରିବ । ପକ୍ଷମାନେ ଏହି ଆଦେଶ ଦ୍ୱାରା ଆବଦ୍ଧ ।

*ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ ବନାମ ଜଗଦମ୍ବା ପ୍ରସାଦ ସିଂହ ଏବଂ ଅନ୍ୟମାନେ*, **AIR (1969)** କୋଲକାତା **281** ଏବଂ *ମେସର୍ସ ଅମର ସିଂହ ମୋଦୀଲାଲ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ*, **AIR (1972)** ପଞ୍ଜାବ ଏବଂ ହରିୟାଣା **356,** ମାମଲାଗୁଡ଼ିକୁ ବିଶିଷ୍ଟ ବୋଲି ବିଚାର କରାଯାଇଛି ।

ଦେୱାନୀ ଆବେଦନ କ୍ଷେତ୍ରାଧିକରିତା: ଦେୱାନୀ ଆବେଦନ ସଂଖ୍ୟା **2185 /1993** ।

ଆଜ୍ଞାଦେଶ ଆବେଦନ ସଂଖ୍ୟା **6037 /1991** ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା **3.2.93** ତାରିଖରେ ପ୍ରଦତ୍ତ ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପକ୍ଷରୁ ଏ. ଏମ୍. ଖାନୱିଲକର ।

**ପ୍ରତିବାଦୀମାନଙ୍କ ପକ୍ଷରୁ ଡି. ଏ. ଦାଭେ, ସଞ୍ଜୟ କରୋଲ ଏବଂ ସୁଶ୍ରୀ ମୀନାକ୍ଷୀ ଆରୋରା।**

**ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।**

**ନ୍ୟାୟାଧୀଶ ଥୋମାସ,** ଏହି ଆବେଦନରେ ନିର୍ଣ୍ଣୟ କରାଯିବାକୁ ଥିବା ପ୍ରଶ୍ନଟି ଅତ୍ୟନ୍ତ ସୀମିତ ପରିସରକୁ ଆସିପହଞ୍ଚିଛି—ପ୍ରତିବାଦୀମାନେ ସେରାମିକ୍ ଟାଇଲ୍ ନିର୍ମାଣ ପାଇଁ ଆମଦାନି କରିଥିବା "ମୃତ୍ତିକା"କୁ ମହାରାଷ୍ଟ୍ର ପୌରସଂସ୍ଥା (ପ୍ରବେଶ ଶୁଳ୍କ) ନିୟମାବଳୀ, 1968 (ସଂକ୍ଷେପରେ 'ନିୟମାବଳୀ')ର ଅନୁସୂଚୀ-I ର ଶ୍ରେଣୀ-IV ର ପ୍ରବେଶ ସଂଖ୍ୟା 47 ରେ ବର୍ଣ୍ଣିତ "ଅନ୍ୟ କୌଣସି ପ୍ରକାରର ମାଟି" ଶ୍ରେଣୀର ପରିସର ମଧ୍ୟରେ ଆଣିହେବ କି ନାହିଁ । ପ୍ରତିବାଦୀମାନେ ଦାବି କରିଥିଲେ ଯେ ସେମାନଙ୍କ ଦ୍ୱାରା ଆମଦାନି ହୋଇଥିବା ମୃତ୍ତିକା ଉକ୍ତ ଶ୍ରେଣୀ ମଧ୍ୟରେ ପଡ଼େ, ଏବଂ ଏହି ଯୁକ୍ତିକୁ ପ୍ରତିବାଦୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ବୋମ୍ବେ ଉଚ୍ଚ ନ୍ୟାୟାଳୟ ସମର୍ଥନ କରିଥିଲେ । ଉକ୍ତ ନିଷ୍ପତ୍ତିକୁ ବର୍ତ୍ତମାନ ଏହି ଆବେଦନରେ ଆପତ୍ତି କରାଯାଇଛି ।

ଏହି ମାମଲାର ତଥ୍ୟଗୁଡ଼ିକରୁ ଉଠିଥିବା ପ୍ରଶ୍ନଟିର ସାରାଂଶ ନିମ୍ନପ୍ରକାରେ ପ୍ରଦାନ କରାଗଲା:

ପ୍ରତିବାଦୀମାନେ ମହାରାଷ୍ଟ୍ର ରାଜ୍ୟର ଥାଣେ ମହାନଗର ନିଗମର ସୀମା ମଧ୍ୟରେ ଅବସ୍ଥିତ ସେମାନଙ୍କ କାରଖାନାରେ ସେରାମିକ୍ ଟାଇଲ ଉତ୍ପାଦନ କରୁଛନ୍ତି । ଉକ୍ତ ଉତ୍ପାଦ ପାଇଁ ବ୍ୟବହୃତ ପ୍ରମୁଖ କଞ୍ଚାମାଲ ହେଉଛି ମାଟି, ଯାହା ପ୍ରତିବାଦୀମାନେ ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶରୁ ଆଣନ୍ତି । ମହାରାଷ୍ଟ୍ର ମହାନଗର ଅଧିନିୟମ, 1965 ର ଧାରା 105 ଅନୁଯାୟୀ, ମ୍ୟୁନିସିପାଲ୍ କର୍ପୋରେସନକୁ ନିୟମାବଳୀରେ ନିର୍ଦ୍ଧାରିତ ସର୍ବାଧିକ ସୀମାକୁ ଅତିକ୍ରମ ନକରି, ମହାନଗର ନିଗମର ଭୌଗୋଳିକ ସୀମା ମଧ୍ୟକୁ ଆଣାଯାଉଥିବା ସାମଗ୍ରୀ ଉପରେ ପ୍ରବେଶ ଶୁଳ୍କ ଆଦାୟ କରିବାର କ୍ଷମତା ଦିଆଯାଇଛି । ପ୍ରବେଶ ଶୁଳ୍କର ଭିନ୍ନ ଭିନ୍ନ ହାର ନିର୍ଦ୍ଧାରଣ ପାଇଁ ନିୟମାବଳୀର ସୂଚୀ-I ରେ ସାମଗ୍ରୀଗୁଡ଼ିକୁ ଶ୍ରେଣୀଭୁକ୍ତ କରାଯାଇଛି । ଏହି ମାମଲାରେ, ଆମେ କେବଳ ସୂଚୀର ପ୍ରବେଶ 45 ଏବଂ 47 ରେ ଶ୍ରେଣୀଭୁକ୍ତ ସାମଗ୍ରୀ ସମ୍ପର୍କରେ ବିଚାର କରୁଆଛୁ ।

ପ୍ରବେଶ ସଂଖ୍ୟା 45ରେ କୋଲତାର, ଆସଫାଲ୍ଟ, ବିଟୁମେନ, ଗୁଣ୍ଡ ମାଟି, ମ୍ୟାଙ୍ଗାନିଜ, ଏମେରି ପଥର କିମ୍ବା ଗୁଣ୍ଡ, ଚକ୍ ଗୁଣ୍ଡ, ପଥର ଖଣ୍ଡ, ପଥର ଗୁଣ୍ଡ, ଆଗ୍ରା ପଥର, ନିର୍ମାଣ *ପାଇଁ ବ୍ୟବହୃତ* କ୍ଲିଙ୍କର ପଥର ଏବଂ କୋଇଲା ପାଉଁଶ ଅନ୍ତର୍ଭୁକ୍ତ ଅଛି । ଏହି ସାମଗ୍ରୀଗୁଡ଼ିକ ସମ୍ବନ୍ଧରେ

ଥାଣେ ମହାନଗର ନିଗମ ନିୟମାବଳୀରେ ନିର୍ଦ୍ଧାରିତ ମୂଲ୍ୟ ଉପରେ ସର୍ବାଧିକ 4% ପ୍ରବେଶ ଶୁଳ୍କ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିଲା । କ୍ରମିକ ସଂଖ୍ୟା 47 ରେ ହଳଦିଆ ମାଟି ଏବଂ ଅନ୍ୟ କୌଣସି ପ୍ରକାରର ମାଟି, ବାଲି, ଧାତୁ, ଇଟା ଖଣ୍ଡ, *ମୋହରମ ଏବଂ ଛୋଟ ପଥର ଖଣ୍ଡ* ଅନ୍ତର୍ଭୁକ୍ତ ଅଛି, ଯାହା ପାଇଁ ନିଗମ ପ୍ରତି ମେଟ୍ରିକ ଟନ୍ ପିଛା ସର୍ବାଧିକ 2 ଟଙ୍କା ପ୍ରବେଶ ଶୁଳ୍କ ଆଦାୟ କରିବାକୁ ସଶକ୍ତ । କିନ୍ତୁ, ସେହି ସାମଗ୍ରୀଗୁଡ଼ିକ ପାଇଁ ଥାନେ ମହାନଗର ନିଗମ କେବଳ ପ୍ରତି ମେଟ୍ରିକ ଟନ୍ ପିଛା 1 ଟଙ୍କା ହାରରେ ପ୍ରବେଶ ଶୁଳ୍କ ଆଦାୟ କରିବାକୁ ପ୍ରସ୍ତାବ ପାରିତ କରିଥିଲା ।

ପ୍ରତିବାଦୀମାନେ ଦାବି କରିଥିଲେ ଯେ ସେମାନଙ୍କ ଦ୍ୱାରା ଆମଦାନି କରାଯାଇଥିବା ମୃତ୍ତିକାକୁ "ଅନ୍ୟ କୌଣସି ପ୍ରକାରର ମାଟି" ଭାବେ ଗଣନା କରାଯିବା ଉଚିତ । କିନ୍ତୁ ମହାନଗର ନିଗମ ଏଥିରେ ଅଡ଼ି ରହିଥିଲେ ଯେ ପ୍ରତିବାଦୀମାନେ ଅଧିକ ପ୍ରବେଶ ଶୁଳ୍କ ପ୍ରଦାନ କରିବେ, କାରଣ ମୃତ୍ତିକା ହେଉଛି କ୍ରମିକ ସଂଖ୍ୟା 45ରେ ଉଲ୍ଲେଖିତ "ପଥର ଗୁଣ୍ଡ" ।

ପ୍ରତିବାଦୀମାନେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରି ଦାବି କରିଥିଲେ ଯେ ପୌର ନିଗମର ଆଭିମୁଖ୍ୟ ଭୁଲ ଏବଂ ସେଥିପାଇଁ ସେମାନଙ୍କୁ ଅଧିକ ହାରରେ ପ୍ରବେଶ ଶୁଳ୍କ ଆଦାୟ କରିବାରୁ ବାରଣ କରାଯିବା ଉଚିତ । ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ରାୟରେ ମନେ କରିଥିଲେ ଯେ ଏହି ମାଟି ପ୍ରବେଶ ସଂଖ୍ୟା 47 ଅନ୍ତର୍ଗତ ହେବ ଏବଂ ତେଣୁ ପ୍ରତିବାଦୀମାନେ କେବଳ ପ୍ରତି ମେଟ୍ରିକ୍ ଟନ୍ ପିଛା 1 ଟଙ୍କାର କମ୍ ହାରରେ ପ୍ରବେଶ ଶୁଳ୍କ ଦେବାକୁ ଦାୟୀ ରହିବେ । ଉକ୍ତ ସିଦ୍ଧାନ୍ତର ଆଧାରରେ ଉଚ୍ଚ ନ୍ୟାୟାଳୟ ନିଗମକୁ ଆଜ୍ଞାଦେଶ ଆବେଦନ ଦାଖଲ ତାରିଖରୁ ଏବଂ ତା'ପରେ ପ୍ରତିବାଦୀମାନଙ୍କଠାରୁ ଆଦାୟ କରାଯାଇଥିବା ଅତିରିକ୍ତ ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଆବେଦନକାରୀ ନିଗମ ପକ୍ଷରୁ ବିଦ୍ୱାନ ଅଧିବକ୍ତା ଉଚ୍ଚ ନ୍ୟାୟାଳୟର ଉପସ୍ଥାପନାକୁ ଆପତ୍ତି କରି ଯୁକ୍ତି କରିଥିଲେ ଯେ ସାଧାରଣ ବ୍ୟବହାରରେ ବୁଝାଯାଉଥିବା "ମାଟି " ଶବ୍ଦର ଅର୍ଥ "ମୃତ୍ତିକା " ଶବ୍ଦ ସହିତ ସମାନ ନୁହେଁ । ଅଧିବକ୍ତା ଆହୁରି ଯୁକ୍ତି ଦେଇଥିଲେ ଯେ ପ୍ରତିବାଦୀମାନଙ୍କ ଦ୍ୱାରା ବ୍ୟବହୃତ କଞ୍ଚାମାଲ ଏକ ବିଶେଷ ଗୁଣବତ୍ତାର ଚାଇନା ମାଟି ହୋଇଥିବାରୁ, ତାହାକୁ କେବଳ ଅନୁସୂଚୀର ପ୍ରବେଶ 45 ରେ ଉଲ୍ଲେଖିତ "ପଥର ଗୁଣ୍ଡ " ଭାବରେ ବର୍ଗୀକୃତ କରାଯାଇପାରିବ । ଅନ୍ୟପକ୍ଷରେ , ଯୁକ୍ତି ଦିଆଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ପୂର୍ବରୁ ଆଦାୟ କରାଯାଇଥିବା ରାଶି ଫେରସ୍ତ କରିବାକୁ ଆଦେଶ ଦେବା ଉଚିତ ନଥିଲା ।

ପ୍ରଥମ ଯୁକ୍ତିକୁ ସମର୍ଥନ କରିବା ପାଇଁ କଲକାତା ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ଦ୍ୱାରା ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ ବନାମ ଜଗଦମ୍ବା ପ୍ରସାଦ ସିଂହ ଏବଂ ଅନ୍ୟମାନେ, AIR (1969) କଲିକତା 281ମାମଲାରେ ଥିବା *ଏହି ପର୍ଯ୍ୟବେକ୍ଷଣର ଉଲ୍ଲେଖ କରାଯାଇଥିଲା ଯେ, "ସାଧାରଣ ମାଟି, ସାଧାରଣ କାଦୁଅ ନୁହେଁ ଏବଂ ଏହାକୁ* ଗୌଣ ଖଣିଜ ବୋଲି କୁହାଯାଇପାରିବ ନାହିଁ; 'କାଦୁଅ' ଶବ୍ଦଟି 'ମାଟି' ସହିତ ସମାନ ନୁହେଁ ।" ଆଇନଜୀବୀ ଆମ ଦୃଷ୍ଟିକୁ ଏହି କଥା ମଧ୍ୟ ଆଣିଥିଲେ ଯେ, ଉପରୋକ୍ତ ପର୍ଯ୍ୟବେକ୍ଷଣକୁ "ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ଖଣ୍ଡପୀଠ ମେସର୍ସ ଅମର ସିଂହ ମୋଦି ଲାଲ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ AIR 1972 ପଞ୍ଜାବ ଏବଂ ହରିୟାଣା 356 ମାମଲାରେ ଅନୁମୋଦନ କରିଥିଲେ । ଆମ ସମ୍ମୁଖରେ ଉଦ୍ଧୃତ ନିଷ୍ପତ୍ତିଗୁଡ଼ିକର ସମ୍ପର୍କିତ ଅଂଶଗୁଡ଼ିକୁ ପରୀକ୍ଷା *କରିବା ପରେ, ଆମେ ମନେ କରୁନାହୁଁ ଯେ ଏପରି ଆକସ୍ମିକ ପର୍ଯ୍ୟବେକ୍ଷଣ ଏହି ବିବାଦର ନିଷ୍ପତ୍ତି* କରିବାରେ କୌଣସି ସାହାଯ୍ୟ କରିପାରିବ। ତା'ଛଡ଼ା, କଲକାତା ଉଚ୍ଚ ନ୍ୟାୟାଳୟ ସମସ୍ତ ଉଦ୍ଦେଶ୍ୟ ପାଇଁ କାଦୁଅକୁ ମାଟିଠାରୁ ପୃଥକ କରିବାକୁ ପ୍ରବୃତ୍ତ ହୋଇନଥିଲେ; ବରଂ ସେମାନେ ନିଷ୍ପତ୍ତିରେ ଉଲ୍ଲେଖ କରିଥିଲେ ଯେ, କେତେକ ପ୍ରକାରର ମାଟି କାଦୁଅ ହୋଇପାରେ । ବାସ୍ତବରେ, ଅମର ସିଂହଙ୍କ ମାମଲାରେ (ଉପରୋକ୍ତ) ପୂର୍ଣ୍ଣ ଖଣ୍ଡପୀଠ ଏହି ପ୍ରସଙ୍ଗକୁ ଏହା କହି ଏଡ଼ାଇ ଯାଇଥିଲେ ଯେ, ଏହି ଦିଗଟି ସେମାନଙ୍କ ସମ୍ମୁଖରେ ଥିବା ମାମଲାରେ ଉଠିଥିବା ପ୍ରଶ୍ନ ସହିତ ଦୂରଦୁରାନ୍ତ ଭାବରେ ମଧ୍ୟ ସମ୍ପର୍କିତ ନୁହେଁ ।

ଅନୁସୂଚୀର ପ୍ରବେଶ ସଂଖ୍ୟା 45 ରେ ତାଲିକାଭୁକ୍ତ ସାମଗ୍ରୀମାନଙ୍କ ମଧ୍ୟରୁ ଏହି ପ୍ରସଙ୍ଗରେ କେବଳ ଗୋଟିଏ ବସ୍ତୁକୁ ବିଚାର କରିବା ଆବଶ୍ୟକ, ଏବଂ ତାହା ହେଉଛି "ପଥର ଗୁଣ୍ଡ", କାରଣ ଉକ୍ତ ପ୍ରବେଶରେ ଉଲ୍ଲେଖିତ ଅନ୍ୟ କୌଣସି ବସ୍ତୁର ଏହି ମାମଲାରେ ସମ୍ପୃକ୍ତ ମାଟି ସହିତ ସାମାନ୍ୟତମ ସାଦୃଶ୍ୟ ମଧ୍ୟ ନାହିଁ । ଆବେଦନକାରୀ ମଧ୍ୟ ଏହା ପ୍ରମାଣ କରିବାକୁ କୌଣସି ପ୍ରୟାସ କରିନଥିଲେ ଯେ ମାଟି ପଥର ଗୁଣ୍ଡ ବ୍ୟତୀତ ଅନ୍ୟ କିଛି ଅଟେ ।

ଏହି ପ୍ରସଙ୍ଗରେ ଆମେ ସୂଚିତ କରିବାକୁ ଚାହୁଁଛୁ ଯେ, ଯେତେବେଳେ ଆବେଦନକାରୀ ପ୍ରବେଶ ଉପରେ ଅଧିକ ଶୁଳ୍କ ଲାଗୁ ଉପରେ ଜୋର ଦେଉଛନ୍ତି, ସେତେବେଳେ ପ୍ରତିବାଦୀମାନଙ୍କ ଦ୍ୱାରା ଆମଦାନି କରାଯାଇଥିବା ମାଟି ପଥର ଗୁଣ୍ଡ ବୋଲି ପ୍ରମାଣ କରିବାର ଦାୟିତ୍ୱ ତାଙ୍କ ଉପରେ ରହିଛି । କିନ୍ତୁ ଆବେଦନକାରୀ ତାଙ୍କର ମତକୁ ସମର୍ଥନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ କିମ୍ବା ଏଠାରେ କୌଣସି ପ୍ରମାଣସ୍ୱରୂପ ସାମଗ୍ରୀ ଉପସ୍ଥାପନ କରିନାହାନ୍ତି ।

"ମାଟି" ଶବ୍ଦର ଅର୍ଥ କିମ୍ବା ସଂଜ୍ଞା, ଯାହା ପ୍ରମାଣିତ ଅଭିଧାନମାନଙ୍କରେ ଦିଆଯାଇଛି, ଆବେଦନକାରୀଙ୍କୁ କୌଣସି ସାହାଯ୍ୟ କରିବ ନାହିଁ, ଯଦିଓ ସେ ଏପରି ଶବ୍ଦକୋଷରୁ କିଛି ସମର୍ଥନ ପାଇବାକୁ ପ୍ରୟାସ କରିଥିଲେ । ୱେବଷ୍ଟର୍ସ ଅଭିଧାନରେ "ମାଟି"କୁ ଏପରି ଦର୍ଶାଯାଇଛି: "ଏକ ପ୍ରାକୃତିକ ମୃତ୍ତିକାମୟ ପଦାର୍ଥ ...... ମୁଖ୍ୟତଃ ଇଟା ତିଆରି କରିବାରେ ବ୍ୟବହୃତ; ମାଟି କିମ୍ବା କାଦୁଅରେ ବ୍ୟବହୃତ।" ସଂକ୍ଷିପ୍ତ ଅକ୍ସଫୋର୍ଡ ଶବ୍ଦକୋଷରେ "କ୍ଲେ" ର ଅର୍ଥ "କଠିନ ଓ ଅତ୍ୟନ୍ତ ଆଠାଳିଆ ମାଟି" ବୋଲି ଦିଆଯାଇଛି । ଚେମ୍ବର୍ସ (ବିଂଶ ଶତାବ୍ଦୀ) ଶବ୍ଦକୋଷରେ ଏହାକୁ "ଅତ୍ୟନ୍ତ ସୂକ୍ଷ୍ମ କଣିକାରେ ଥିବା ମାଟି" ବୋଲି ପରିଭାଷିତ କରାଯାଇଛି ।

ତେଣୁ, ପ୍ରତିବାଦୀମାନଙ୍କ ଦ୍ୱାରା ଆମଦାନି କରାଯାଇଥିବା ମୃତ୍ତିକାକୁ ନିୟମାବଳୀର ସୂଚୀ–I ର ପ୍ରବେଶ 47 ର ପରିଧିରୁ ବାହାରେ ରଖାଯିବା ଉଚିତ ବୋଲି ଆବେଦନକାରୀ–ନିଗମଙ୍କ ଯୁକ୍ତିରେ ଆମେ କୌଣସି ଯୋଗ୍ୟତା ଦେଖୁନାହୁଁ ।

ରାଶି ଫେରସ୍ତ ସମ୍ବନ୍ଧୀୟ ବିକଳ୍ପ ଯୁକ୍ତି (ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଦେଶିତ) ଆମ ସମ୍ମୁଖରେ ଏହି ଆଧାରରେ ଉପସ୍ଥାପିତ କରାଯାଇଥିଲା ଯେ, ଏହା ନିଗମର ଆର୍ଥିକ ସ୍ଥିତିକୁ ଗୁରୁତର ଭାବରେ ଦୁର୍ବଳ କରିଦେବ—ଆବେଦନକାରୀଙ୍କୁ ବିବାଦର ସମାଧାନ ହେବାର ତାରିଖରୁ ମାତ୍ର ଉଚ୍ଚତର ଶୁଳ୍କର ଲାଭରୁ ବଞ୍ଚିତ କରାଯାଇପାରେ, ଏବଂ ସେପର୍ଯ୍ୟନ୍ତ ଯାହା କିଛି କରାଯାଇଛି କିମ୍ବା ଆଦାୟ କରାଯାଇଛି, ତାହାର ପ୍ରତିପୂରଣ କରିବାର ଆବଶ୍ୟକତା ନାହିଁ ।

ଆମେ ଉଲ୍ଲେଖ କରିପାରୁ ଯେ, ପ୍ରତିବାଦୀ ବମ୍ବେ ଉଚ୍ଚ ନ୍ୟାୟାଳୟରେ ଉଚ୍ଚ ହାରରେ ପ୍ରବେଶ ଶୁଳ୍କ ଆଦାୟ ଉପରେ ସ୍ଥଗିତାଦେଶ ପାଇଁ ଅନ୍ତର୍ବର୍ତ୍ତୀ ଆଦେଶ ଚାହିଁ ଆବେଦନ କରିଥିବାବେଳେ, 13 ମାର୍ଚ୍ଚ, 1992 ରେ ସେହି ଆବେଦନ ଉପରେ ନିମ୍ନଲିଖିତ ଆଦେଶ ପାରିତ କରାଯାଇଥିଲା ।

> " ଅଧିବକ୍ତାଙ୍କ ଯୁକ୍ତି ଶୁଣାଗଲା, ଅନ୍ତର୍ବର୍ତ୍ତୀ ପ୍ରତିକାର ପ୍ରତ୍ୟାଖ୍ୟାନ କରାଗଲା । ପ୍ରବେଶ ଶୁଳ୍କର ପ୍ରଦାନକୁ ସ୍ଥଗିତ ରଖାଯାଇପାରିବ ନାହିଁ । ଯଦି ଆବେଦକ ସଫଳ ହୁଅନ୍ତି, ତେବେ ପ୍ରତିବାଦୀମାନେ ଅତିରିକ୍ତ ଆଦାୟ ହୋଇଥିବା ଶୁଳ୍କ ଫେରସ୍ତ କରିବେ । "

ପକ୍ଷମାନେ ଉକ୍ତ ଆଦେଶ ଦ୍ୱାରା ଆବଦ୍ଧ ଏବଂ ଆର୍ଥିକ ଭାର ଇତ୍ୟାଦିର ଆଧାରରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିବା ପାଇଁ ବର୍ତ୍ତମାନ ବହୁତ ବିଳମ୍ବ ହୋଇଯାଇଛି । ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ଫେରସ୍ତ କରିବାକୁ ଆଦେଶ ଦେଇଛନ୍ତି ଏବଂ ଏଥିରେ ଆମର କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆମେ ଏହି ଆବେଦନକୁ ଖାରଜ କରୁଛୁ । ଏସ୍.ଭି.କେ.ଆଇ. ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।